# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 2 March - 2026

**********************************

## ମୁଖ୍ୟ ସମ୍ବାଦ

- ମହିଳାମାନଙ୍କ ସଶକ୍ତୀକରଣ ସରକାରଙ୍କ ସହ ସମ୍ପୂର୍ଣ୍ଣ ସମାଜର ଦାୟିତ୍ୱ; କହିଲେ ରାଷ୍ଟ୍ରପତି
- ଭୁବନେଶ୍ୱରରେ ବିଭିନ୍ନ ପ୍ରସଙ୍ଗକୁ ନେଇ ରାଜ୍ୟ ବିଜେପିର ଗୁରୁତ୍ୱପୂର୍ଣ୍ଣ ବୈଠକ
- ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି

ଏବଂ

- ଦୋଳପୂର୍ଣ୍ଣିମା ପୂର୍ବରୁ ଆଜି ସନ୍ଧ୍ୟାରେ ପୁରୀ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ମେଣ୍ଢାପୋଡ଼ି ନୀତି

Desk

# ରାଷ୍ଟ୍ରପତି– ସଶକ୍ତ ନାରୀ

ମହିଳାମାନଙ୍କର ସଶକ୍ତୀକରଣ କେବଳ ସରକାରଙ୍କ ଦାୟିତ୍ୱ ନୁହେଁ ବରଂ ସମ୍ପୂର୍ଣ୍ଣ ସମାଜର କର୍ତ୍ତବ୍ୟ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ନୂଆଦିଲ୍ଲୀରେ ଆଜି 'ସଶକ୍ତ ନାରୀ' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ମୁର୍ମୁ କହିଛନ୍ତି, ଭାରତର ଇତିହାସରେ ମହିଳାମାନଙ୍କ ସାହସ, ବୀରତ୍ୱ, ତ୍ୟାଗ ଏବଂ ସମର୍ପଣର ଅନେକ କଥା ଓ ଗାଥା ରହିଛି। ରାଣୀ ଲକ୍ଷ୍ମୀବାଇ, ମାଆ ଅହଲ୍ୟା ବାଇ, ସାବିତ୍ରୀ ବାଇ ଫୁଲେ, ସରୋଜିନୀ ନାଇଡୁଙ୍କ ଭଳି ମହିୟସୀ ମହିଳାମାନେ ନିଜର ଅଦମ୍ୟ ସାହସ ଏବଂ ସମାଜ ପ୍ରତି ବଳିଦାନ ଲାଗି ଚିରସ୍ମରଣୀୟ। ଆଜି ମହିଳାମାନେ ସୈନିକ ରୂପରେ ଦେଶର ସୁରକ୍ଷା କରୁଛନ୍ତି। ବୈଜ୍ଞାନିକ ହୋଇ ନୂଆ ଉଦ୍ଭାବନ କରିବା ସହ ରାଜନୀତି, ସମାଜ ସେବା, ପ୍ରଶାସନ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଏହା ମଧ୍ୟ ସତ୍ୟ ଯେ, ମହିଳାମାନେ ଆଜି ବି ହିଂସା, ନିର୍ଯାତନା, ଅସମାନତାର ଶିକାର ହେଉଛନ୍ତି। ମହିଳାମାନେ ସଶକ୍ତ ହେଲେ ହିଁ ଦେଶ ସମୃଦ୍ଧ ହେବ। ମହିଳାମାନଙ୍କ ମଧ୍ୟରେ ନିର୍ଣ୍ଣୟ ନେବାର କ୍ଷମତା ବିକଶିତ ହେଲେ ତଥା ସେମାନେ ଆର୍ଥିକ ଭାବରେ ସ୍ୱାବଲମ୍ବୀ ହେଲେ ହିଁ ପ୍ରକୃତରେ ମହିଳା ସଶକ୍ତୀକରଣ ହୋଇପାରିବ।

**- V/O -**

କେନ୍ଦ୍ର ସରକାର ମହିଳାଙ୍କ ନେତୃତ୍ୱରେ ବିକାଶ ଉପରେ ପ୍ରାଥମିକତା ଦେଉଛନ୍ତି । ଏଥିପାଇଁ ଉଜ୍ଜ୍ୱଳା, ମୁଦ୍ରା, ଲକ୍ଷପତି ଦିଦି ଆଦି ଯୋଜନା ପ୍ରଣୟନ କରାଯାଇଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

BBSR/R

## ରାଜ୍ୟସଭା ପ୍ରସଙ୍ଗ ବୈଠକକ

ଭୁବନେଶ୍ୱରରେ ବିଭିନ୍ନ ପ୍ରସଙ୍ଗକୁ ନେଇ ରାଜ୍ୟ ବିଜେପିର ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି । ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦଳର ସଭାପତି ମନମୋହନ ସାମଲଙ୍କ ସମେତ ଅନ୍ୟ ମନ୍ତ୍ରୀ ଓ ବିଧାୟକ ଉପସ୍ଥିତ ଥିବା ଜଣାପଡ଼ିଛି । ଏଥିରେ ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବାର ସମ୍ଭାବନା ଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

Puri

## ମହାନଦୀ ଜଳବିବାଦ

କ୍ଷେତ୍ର ପରିଦର୍ଶନ ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ମହାନଦୀ ଜଳବିବାଦ ପ୍ରାଧିକରଣର ସଦସ୍ୟମାନେ ଆଜି ଚିଲିକା ଗସ୍ତ କରିଛନ୍ତି । ଚିଲିକାରେ ସଦସ୍ୟମାନେ ସ୍ଥିତି ଅନୁଧ୍ୟାନ କରୁଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଏହାସହ କଣାସ, ଗୋପ, ଡେଲାଙ୍ଗ, ବ୍ରହ୍ମଗିରି ଓ ନିମାପଡ଼ା ଗସ୍ତ କରିବାର ମଧ୍ୟ କାର୍ଯ୍ୟସୂଚୀ ରହିଛି । ଗତକାଲି ପ୍ରାଧିକରଣ ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍. ତ୍ରିବ୍ୱେଦୀଙ୍କ ନେତୃତ୍ୱରେ ସଦସ୍ୟମାନେ ପୁରୀ ଶ୍ରୀମନ୍ଦିରରେ ମହପ୍ରଭୁଙ୍କୁ ଦର୍ଶନ କରିଥିଲେ ।

HS

## ଗ୍ରୀଷ୍ମ ପ୍ରବାହ- ଗାଇଡ୍ ଲାଇନ୍

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପାଇଁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ମାର୍ଗଦର୍ଶିକା ଅନୁସାରେ ଇଣ୍ଟରନାଲ ପରୀକ୍ଷା ଏବଂ କ୍ଲାସ୍‌ଗୁଡ଼ିକୁ ସକାଳୁ କରାଯିବ। ଅପରାହ୍ନ ସମୟରେ କୌଣସି ଆଉଟଡୋର କାର୍ଯ୍ୟକ୍ରମ ନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ, ଓ.ଆର୍.ଏସ୍. ଏବଂ ପାନୀୟ ଜଳ ମହଜୁଦ ରଖାଯିବ। ଏହାସହ ଜରୁରୀକାଳୀନ ପରିସ୍ଥିତିକୁ ଗୁରୁତର ସହ ନିଆଯିବା ପାଇଁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

HS

## ହିଟ୍‌ୱେଭ୍

ରାଜ୍ୟରେ ଦିନର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ବୃଦ୍ଧି ପାଉଥିବା ତାପମାତ୍ରାକୁ ଦୃଷ୍ଟିରେ ରଖି ଅଂଶୁଘାତର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଏଥିପାଇଁ ପ୍ରତ୍ୟେକ ହସ୍ପିଟାଲରେ ସ୍ୱତନ୍ତ୍ର କକ୍ଷର ବ୍ୟବସ୍ଥା କରାଯିବ ସହିତ ପର୍ଯ୍ୟାପ୍ତ ଔଷଧ ମହଜୁଦ ରହିଛି ବୋଲି ଡକ୍ଟର ମହାଲିଙ୍ଗ କହିଛନ୍ତି।

Desk

# ଏୟାର ଇଣ୍ଡିଆ ଟ୍ରାଭେଲ ଆଡଭାଇଜରୀ

ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏୟାର ଇଣ୍ଡିଆ ବିମାନ ଯାତ୍ରା ସମ୍ପର୍କିତ ପରାମର୍ଶବଳୀ ଜାରି କରିଛି । ଏୟାର ଇଣ୍ଡିଆ ତା'ର ସମସ୍ତ ବିମାନ ଉଡାଣ ବାତିଲ ସମୟସୀମା ଆଜିଯାଏ ବୃଦ୍ଧି କରିଛି ।

Nuapada/Puri

# ଶ୍ରୀମନ୍ଦିର- ମେଣ୍ଢାପୋଡ଼ି ନୀତି

ରାଜ୍ୟବ୍ୟାପୀ ଆସନ୍ତାକାଲି ଦୋଳପୂର୍ଣ୍ଣିମା ପାଳନ କରାଯିବ। ପୁରୀ ଶ୍ରୀମନ୍ଦିରରେ ଆଜି ସନ୍ଧ୍ୟାରେ ପରମ୍ପରା ଅନୁସାରେ ମହାପ୍ରଭୁଙ୍କ ମେଣ୍ଢାପୋଡ଼ି ନୀତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ଆଜି ମଧ୍ୟାହ୍ନ ଧୂପନୀତି ସରିବା ପରେ ଆଜ୍ଞାମାଳ ପାଇ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳ ଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ, ଦୋଳବେଦୀକୁ ବିଜେ କରିବେ। ସେଠାରେ ଗଜପତିଙ୍କ ପ୍ରତିନିଧି ମୁଦିରସ୍ତଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ହୋମ, ଦେବନୀତି, ବନ୍ଦାପନା ପରେ ଭୋଗ ଅନୁଷ୍ଠିତ ହେବ। ମାରୁୱାଡ଼ି ସମ୍ପ୍ରଦାୟର ମହିଳାମାନଙ୍କ ଦ୍ୱାରା ପୂର୍ବରୁ ସଂଗୃହୀତ ଘଷିରେ ଅଗ୍ନି ସଂଯୋଗ କରାଯାଇ ମେଣ୍ଢାପୋଡ଼ି ନୀତି ଅନୁଷ୍ଠିତ ହେବ। ହୋଲିକା ରାକ୍ଷାସୀକୁ ଦହନର ପ୍ରତିଫଳନ ସ୍ୱରୂପ ଏହି ମେଣ୍ଢାପୋଡ଼ି ନୀତି ଅନୁଷ୍ଠିତ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ନୂଆପଡ଼ା ଜିଲ୍ଲା ହାଇସ୍କୁଲ ପଡ଼ିଆରେ ଆଜି ବିଳମ୍ବିତ ରାତିରେ 'ହୋଲି କା ଦହନ' ଉତ୍ସବ ଅନୁଷ୍ଠିତ ହେବ।

Desk

## ରତ୍ନଭଣ୍ଡାର ଗଣତି ମଣତି

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆଜି ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ । ବୈଠକରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତିର ସମୟ ଧାର୍ଯ୍ୟ ଓ ଗୁଣ୍ଡିଚା ମନ୍ଦିର ଖୋଲିବା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି । ଚଳିତ ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଏବଂ ଆସନ୍ତା ଆର୍ଥିକ ବର୍ଷର ବଜେଟ୍ ପ୍ରସ୍ତାବକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି ।

Balangir

## ଉପମୁଖ୍ୟମନ୍ତ୍ରୀ– ପଟ୍ଟାବଣ୍ଟନ

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ହରିଶଙ୍କର ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭୂମିହୀନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ବସୁନ୍ଧରା ଯୋଜନା ଅଧୀନରେ ପଟ୍ଟାବଣ୍ଟନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, ସରକାର ରାଜ୍ୟରେ ସମସ୍ତ ଭୂମିହୀନଙ୍କୁ ପଟ୍ଟାବଣ୍ଟନ କରିବାକୁ ପ୍ରତିଶ୍ରୁତିବଦ୍ଧ। ପାଟଣାଗଡ଼ ତହସିଲ ଅଞ୍ଚଳରେ ୨୭୩ ଜଣ ଭୂମିହୀନ ହିତାଧିକାରୀ ଚିହ୍ନଟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୭୦ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୨୯

ଜଣ ହିତାଧିକାରୀଙ୍କୁ ଆଜି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପଟ୍ଟାବଣ୍ଟନ କରିଛନ୍ତି। ଅବିଶିଷ୍ଟ ହିତାଧିକାରୀଙ୍କୁ ତୃତୀୟ ପର୍ଯ୍ୟାୟରେ ପଟ୍ଟା ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ପଟ୍ଟା ବଣ୍ଟନ ଦ୍ୱାରା ଭୂମିହୀନ ହିତାଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହୋଇପାରିବେ ବୋଲି ସେ କହିଛନ୍ତି। ପଟ୍ଟା ପାଇଥିବା ସମସ୍ତ ହିତାଧିକାରୀଙ୍କୁ ସରକାରୀ ଯୋଜନାରେ ସାମିଲ କରିବାକୁ ଉପମୁଖ୍ୟମନ୍ତ୍ରୀ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

Desk

## ବିମାନ ବନ୍ଦର– ଡିପିଆର୍

ରାଉରକେଲା ବିମାନ ବନ୍ଦରରେ ବଡ଼ ବିମାନ ଚଳାଚଳ ପାଇଁ ରାଜ୍ୟ ସରକାର ସମ୍ପ୍ରସାରଣ ଯୋଜନା ହାତକୁ ନେଇଛନ୍ତି। ଏଥିପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରାଯାଉଛି ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟ ପରିବହନ ବିଭାଗ ଅନୁରୋଧକ୍ରମେ ଭାରତୀୟ ବିମାନ ପତନ ପ୍ରାଧିକରଣ (ଏ.ଏ.ଆଇ.) ପକ୍ଷରୁ ଡିପିଆର୍ ପ୍ରସ୍ତୁତ କରାଯାଉଛି। ଜମି ଅଧିଗ୍ରହଣ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବିମାନବନ୍ଦରର ପରିଚାଳନା ଦାୟିତ୍ୱ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆକୁ ଦିଆଯାଇଛି। ସମ୍ପ୍ରସାରଣ ପାଇଁ ଫ୍ରି-ଫିଜିବିଲିଟି ଶେଷ ହୋଇଛି।

Desk

## ମାଟ୍ରିକ ପରୀକ୍ଷା ଫଳ

ଆସନ୍ତା ମେ’ ମାସ ଦ୍ୱିତୀୟ ସପ୍ତାହ ମଧ୍ୟରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ବର୍ତ୍ତମାନ ଓ.ଏମ୍.ଆର୍ ଖାତା ଦେଖା ଆରମ୍ଭ ହୋଇଛି। ଆସନ୍ତା ୧୯ ତାରିଖରୁ ସବ୍‌ଜେକ୍‌ଟିଭ୍ ଖାତା ଦେଖା ହେବ। ଚଳିତ ବର୍ଷ ଏଥିପାଇଁ ମୋଟ୍ ୫୫ଟି କେନ୍ଦ୍ରରେ ୧୫ ହଜାର ନିରୀକ୍ଷକ ନିୟୋଜିତ ହୋଇଛନ୍ତି ବୋଲି ସଭାପତି ଶ୍ରୀ ତରାଇ କହିଛନ୍ତି।

**- V/O –**

Desk

## ଏଚପିଭି ଟୀକା

ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ଏଚ୍.ପି.ଭି. ଟୀକା ମହଜୁଦ ଅଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ଅଳ୍ପ କିଛି ଚିକିତ୍ସାଳୟରେ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗର ତଥ୍ୟ ଆଧାରରେ କିଶୋରୀଙ୍କୁ ଚିହ୍ନଟ କରାଯାଇଛି। ତିନି ମାସ ମଧ୍ୟରେ ସମସ୍ତ ୩ ଲକ୍ଷ ୩୬ ହଜାର କିଶୋରୀ ଛାତ୍ରୀଙ୍କୁ ଟୀକା ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି।

BHK

## ଶିଶୁ ସୁରକ୍ଷା

ଭଦ୍ରକ ଜିଲ୍ଲା ପୁଲିସ ପ୍ରଶାସନ ଓ ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଶିଶୁ ସୁରକ୍ଷା ପରିବାର ସଂସ୍କାର ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ପ୍ରମୁଖ

ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାରେ ଶିଶୁଙ୍କ ସାମିଲ କରିବା, ଦକ୍ଷତା କୌଶଳ ମାଧ୍ୟମରେ ଶିଶୁଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବା ଆଦି ଉପରେ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ।

BHK

## ପାଠାଗାର ଅଭିଯାନ

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ସୁଦର୍ଶନପୁର ସହିଦ୍ ବାଟିକାରେ ଭ୍ରାମ୍ୟମାଣ ପାଠାଗାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁସ୍ତକ ବିଦ୍ୟାର୍ଥୀ ଜୀବନର ପରମବନ୍ଧୁ ବୋଲି ପ୍ରଧାନ ଆଚାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କୁ କହିଛନ୍ତି।

Desk

## କରାଟେ ଚାମ୍ପିଅନସିପ୍

କରାଟେ ଇଣ୍ଡିଆ ସଂଗଠନ ଆନୁକୂଲ୍ୟରେ ଦିଲ୍ଲୀର ତାଲକୋଟରା ଇଣ୍ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ଜାତୀୟ ୨୧ ବର୍ଷରୁ କମ୍ ଓ ସିନିୟର କରାଟେ ପ୍ରତିଯୋଗିତାରେ ଓଡ଼ିଶା ଦଳକୁ ତିନୋଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ତିନୋଟି ବ୍ରୋଞ୍ଜ ପଦକ ସହିତ ମୋଟ୍ ୮ଟି ପଦକ ମିଳିଛି। ଗତକାଲି ଅନ୍ତିମ ଦିବସରେ ଅନୁଷ୍ଠିତ ସିନିୟର ମହିଳା ଦଳ କାଟାରେ ଓଡ଼ିଶାର ଭାଲେନା ଭାଲେଣ୍ଟିନା, ସୁରୋମିତା ସିହ୍ନା, ଆଲିସା ସୁବୁଦ୍ଧି, ସୁପ୍ରିୟା ମହାନ୍ତି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସିନିୟର ମହିଳା ଦଳ ଫାଇଣ୍ଟିଂରେ ଅନୁପମା ସ୍ୱାଇଁ, ସୋନାଲୀ ପାଣିଗ୍ରାହୀ, ଲୋମା ସ୍ୱାଇଁ, ବ୍ରତତୀ ବିଶ୍ୱପ୍ରଭା ପତି,

ମୋନାଲି ସାହୁଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ସମସ୍ତ କୃତି ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ କରାଟେ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।